# NATIONAL NEWS BULLETIN (ODIA)

## 20 August - 2024

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- କର୍ମ କ୍ଷେତ୍ରରେ ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଟାସ୍କଫୋର୍ସ ଗଠନ କଲେ ସୁପ୍ରିମ୍‌କୋର୍ଟ୍ ।
- ଭାରତ-ମାଲେସିଆ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ।
- ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜେପି ପକ୍ଷରୁ ଓଡ଼ିଶାରୁ ମମତା ମହାନ୍ତ ପ୍ରାର୍ଥୀ ମନୋନୀତ ।
- ପ୍ରଶାସନିକ କ୍ଷେତ୍ରରେ ଲାଟେରାଲ୍ ଏଣ୍ଟ୍ରି ସମ୍ବନ୍ଧିୟ ବିଜ୍ଞାପନକୁ ବାତିଲ କଲା ୟୁ.ପି.ଏସ୍.ସି. ।

ଏବଂ

- ସନ୍ଦିଗ୍ଧ ମଙ୍କିପକ୍ସ ରୋଗୀଙ୍କ ଚିକିତ୍ସା ପାଇଁ ଏମସ୍ ପକ୍ଷରୁ ମାର୍ଗଦର୍ଶିକା ଜାରି ।

# ଏସ୍‌ସି-କୋଲକାତା ମର୍ଡର୍ କେସ୍

କର୍ମ କ୍ଷେତ୍ରରେ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଡାକ୍ତର ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଲାଗି ସୁପ୍ରିମ୍‌କୋର୍ଟ ଏକ ଟାକ୍ସଫୋର୍ସ ଗଠନ କରିଛନ୍ତି । କୋଲକାତା ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ମାମଲା ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୩ ସପ୍ତାହ ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମ୍‌କୋର୍ଟ କହିଛନ୍ତି । ଦୁଇ ମାସ ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାକୁ ଟାକ୍ସଫୋର୍ସକୁ ନିର୍ଦ୍ଦେଶ ଦିଆଯାଇଛି । ଏସୀଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟାସନାଲ ଗ୍ୟାଷ୍ଟ୍ରୋଲୋଜିର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ନାଗେଶ୍ୱର ରେଡ୍ଡୀ, ସର୍ଜନ ଭାଇସ୍ ଆଡମିରାଲ ଆର୍. କେ. ସରିନ, ଡକ୍ଟର ଏମ୍. ଶ୍ରୀନିବାସ, ଡକ୍ଟର ପ୍ରତିମା ମୂର୍ତ୍ତି, ଡକ୍ଟର ଗୋବର୍ଦ୍ଧନ ଦତ୍ତ ପୁରୀ, ଡକ୍ଟର ସୌମିତ୍ର ରାୱତ, ପ୍ରଫେସର ଅନିତା ସକ୍‌ସେନା, ପ୍ରଫେସର ପଲ୍ଲବୀ ସାପ୍ରେ ଏବଂ ଡକ୍ଟର ପଦ୍ମା ଶ୍ରୀବାସ୍ତବ ପ୍ରମୁଖ ଏହି ଟାକ୍ସ ଫୋର୍ସର ସଦସ୍ୟ ଭାବେ ମନୋନିତ ହୋଇଛନ୍ତି । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡଙ୍କ ସହ ଜଷ୍ଟିସ ଜେ.ବି.ପାର୍ଦ୍ଦିୱାଲା

ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି ।

ଏହି ମାମଲାର ଶୁଣାଣି ବେଳେ ଖଣ୍ଡପୀଠ କାର୍ଯ୍ୟ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଏ ନେଇ କାର୍ଯ୍ୟକାରୀ ହେଉଥିବା ଆଇନ୍ ଯଥେଷ୍ଟ ନୁହେଁ ବୋଲି କୋର୍ଟ୍ କହିଛନ୍ତି । ନିଜ ଆଡୁ ଏହି ମାମଲାକୁ ରୁଜୁ କରି ସୁପ୍ରିମ୍‌କୋର୍ଟ୍ ଶୁଣାଣି ଆରମ୍ଭ କରିଛନ୍ତି ।

ମହାରାଷ୍ଟ୍ର, କେରଳ, ତେଲଙ୍ଗାନା ଭଳି ରାଜ୍ୟ ଏଥିପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିଛନ୍ତି ବୋଲି ମାମଲା ଶୁଣାଣି ବେଳେ ଜଣାପଡ଼ିଛି । ଆସନ୍ତା ୨୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି ।

## ବିଜେପି-ଓ୍ୱେଷ୍ଟବେଙ୍ଗଲ

ବିଜେପି ମୁଖପାତ୍ର ଡକ୍ଟର ସୁଧାଂଶୁ ତ୍ରିବେଦୀ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସରକାର କୋଲକାତା ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ନୂଆଦିଲ୍ଲୀ ଠାରେ ଆଜି ଗଣମାଧ୍ୟମ ସହ

ଆଲୋଚନା ବେଳେ ସେ କହିଛନ୍ତି, ଏହି ଘଟଣା ସହ ଜଡ଼ିତ ପ୍ରମାଣକୁ ନଷ୍ଟ କରିବାକୁ ଚେଷ୍ଟା କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ସୁପ୍ରିମ୍‌କୋର୍ଟ୍ ମଧ୍ୟ ଏହି ମାମଲାର ଶୁଣାଣି ବେଳେ ଏହି ଘଟଣାରେ ତୃଣମୂଳ କଂଗ୍ରେସ ସରକାରଙ୍କ ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି, ଏହି ଘଟଣାରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ।

ଅନ୍ୟ ପକ୍ଷରେ ଆର୍.ଏମ୍.ଏଲ୍. ହସ୍ପିଟାଲ୍‌ର ଆବାସିକ ଡାକ୍ତର ସଂଘ ପକ୍ଷରୁ ଚାଲିଥିବା ଧର୍ମଘଟ ପ୍ରତ୍ୟାହୃତ ହୋଇଛି । ଉପସ୍ଥାପନ କରାଯାଇଥିବା ଦାବି ଗୁଡ଼ିକ ସମ୍ପର୍କରେ ସରକାର ସକାରାତ୍ମକ ପଦକ୍ଷେପ ନେଉଥିବା ପରିପ୍ରେକ୍ଷୀରେ ଧର୍ମଘଟ ପ୍ରତ୍ୟାହୃତ ହୋଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଅନ୍ୟ ମେଡିକାଲ୍ କଲେଜ୍ ଆବାସିକ ଡାକ୍ତରସଂଘ ପକ୍ଷରୁ ଚାଲିଥିବା ଧର୍ମଘଟ ପ୍ରତ୍ୟାହୃତ ହେବ ବୋଲି ଆଶା କରାଯାଉଛି ।

## ମାଲେସିଆ-ପି.ଏମ୍.

ଭାରତ ଓ ମାଲେସିଆ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଆଜି କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମାଲେସିଆ ପ୍ରତିପକ୍ଷ ସେରି ଅନୱର୍

ବିନ୍ ଇବ୍ରାହିମ୍ଙ୍କ ମଧ୍ୟରେ ନୂଆଦିଲ୍ଲୀ ଠାରେ  ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ଶ୍ରମ ଓ ନିଯୁକ୍ତି, ଆର୍ଯ୍ୟୁର୍ବେଦ ଏବଂ ପାରମ୍ପରିକ ଔଷଧ, ପ୍ରଯୁକ୍ତି ବିଦ୍ୟା, ସଂସ୍କୃତି, ଯୁବ ଏବଂ କ୍ରୀଡ଼ା କ୍ଷେତ୍ର ଆଦି ଅନ୍ତର୍ଭୁକ୍ତ ।

ଏହା ପରେ ଗଣମାଧ୍ୟମକୁ ବିବୃତି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏବଂ ମାଲେସିଆ ମଧ୍ୟରେ ଦ୍ୱିପାକ୍ଷିକ ରଣନୈତିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଛି । ଗତ ୨ ବର୍ଷ ମଧ୍ୟରେ ଏହା ନୂତନ ଗତି ଏବଂ ଶକ୍ତି ଦ୍ୱାରା ଅଗ୍ରଗତି କରୁଛି । ପ୍ରତିନିଧି ସ୍ତରୀୟ ଆଲୋଚନା ସମୟରେ ବିଭିନ୍ନ କ୍ଷେତ୍ର ଉପରେ ପାରସ୍ପରିକ ସହଯୋଗ ନେଇ ବିଚାର ବିମର୍ଷ ହୋଇଛି । ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ପାରସ୍ପରିକ ସହଯୋଗ ପାଇଁ ଉଭୟ ପକ୍ଷ ଆଲୋଚନା କରିଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ଆତଙ୍କବାଦ ଏବଂ ଉଗ୍ରବାଦ ବିରୋଧରେ ଉଭୟ ଦେଶ ଏକମତ ବୋଲି ସେ କହିଛନ୍ତି ।

ଫିନ୍‌ଟେକ୍, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତା ଏବଂ କ୍ୱାଣ୍ଟମ୍ ଟେକ୍ନୋଲୋଜି ଭଳି ନୂତନ ପ୍ରଯୁକ୍ତି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଗତବର୍ଷ

ମାଲେସିଆ ପକ୍ଷରୁ ଭାରତରେ ୫ ବିଲିୟନ୍ ଡଲାର୍‌ର ପୁଞ୍ଜିନିବେଶ ଉପରେ ପଦକ୍ଷେପ ନିଆଯାଇଥିଲା ।

ଏହି ଅବସରରେ ମାଲେସିଆ ପ୍ରଧାନମନ୍ତ୍ରୀ ଶ୍ରୀ ଇବ୍ରାହିମ୍ କହିଛନ୍ତି, ଭାରତର ଏକ ସମୃଦ୍ଧ ଇତିହାସ ରହିଛି । ଏହାର ସଂସ୍କୃତି ଏବଂ ସଭ୍ୟତା ବହୁ ପୁରାତନ । ଦୁଇ ଦେଶ ମଧ୍ୟରେ ଆହୁରି ଅନେକ କ୍ଷେତ୍ରରେ ସହଭାଗିତାର ସୁଯୋଗ ରହିଛି ବୋଲି ସେ କହିଛନ୍ତି ।

ବୈଠକ ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅନ୍ୟତମ ସଚିବ ଜୟଦୀପ ମଜୁମ୍‌ଦାର କହିଛନ୍ତି, ଉଭୟ ଦେଶ ବାଣିଜ୍ୟ, ପ୍ରତିରକ୍ଷା, ନିରାପତ୍ତା, ସାଂସ୍କୃତିକ ଆଦାନପ୍ରଦାନ, ଅକ୍ଷୟଶକ୍ତି, ସେମିକଣ୍ଡକ୍ଟର ଏବଂ ନିରନ୍ତର ବିକାଶ ଭଳି କ୍ଷେତ୍ର ଉପରେ ଆଲୋଚନା କରିଛନ୍ତି ।

## ମମତା-ରାଜ୍ୟସଭା

ରାଜ୍ୟସଭା ଉପନିର୍ବାଚନ ପାଇଁ ଓଡ଼ିଶାରୁ ମମତା ମହାନ୍ତ ପ୍ରାର୍ଥୀ ହୋଇଛନ୍ତି । ବିଜେପିର କେନ୍ଦ୍ରୀୟ ନିର୍ବାଚନ ସମିତି ଆଜି ମମତାଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଛି । ସୂଚନା ଯୋଗ୍ୟ ପୂର୍ବରୁ ଶ୍ରୀମତୀ ମହନ୍ତ ବିଜେଡ଼ି ପକ୍ଷରୁ ରାଜ୍ୟସଭାର ସଦସ୍ୟ ଥିଲେ । ତେବେ ସେ ସଦସ୍ୟ ପଦରୁ ଇସ୍ତଫା ଦେବାରୁ ଓଡ଼ିଶାରୁ ଗୋଟିଏ ପଦବୀ ପାଇଁ ଉପନିର୍ବାଚନର

ଆବଶ୍ୟକତା ପଡ଼ିଥିଲା । ଆସନ୍ତାମାସ ୩ ତାରିଖରେ ଓଡ଼ିଶାକୁ ମିଶାଇ ୯ଟି ରାଜ୍ୟର ୧୨ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ ।

## ଗଭ୍-ଲାଟେରାଲ୍ ଏଣ୍ଟ୍ରି

କେନ୍ଦ୍ର ଲୋକସେବା ଆୟୋଗ – ୟୁ.ପି.ଏସ୍.ସି. ପ୍ରଶାସନିକ କ୍ଷେତ୍ରରେ ଲାଟେରାଲ୍ ଏଣ୍ଟ୍ରି ସମ୍ବନ୍ଧୀୟ ବିଜ୍ଞାପନକୁ ବାତିଲ କରିଛି । କେନ୍ଦ୍ର କାର୍ମିକ ଏବଂ ପ୍ରଶିକ୍ଷଣ ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ୟୁ.ପି.ଏସ୍.ସି. ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ପୂର୍ବରୁ ବିଭାଗୀୟ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ବିଜ୍ଞାପନକୁ ବାତିଲ କରିବାକୁ ୟୁ.ପି.ଏସ୍.ସି.କୁ ଚିଠି ଲେଖି ଜଣାଇଥିଲେ । ୟୁ.ପି.ଏସ୍.ସି. ଅଧ୍ୟକ୍ଷ ପ୍ରୀତି ସୁଦାନଙ୍କୁ ଲେଖାଯାଇଥିବା ଚିଠିରେ ଡକ୍ଟର ସିଂହ କହିଛନ୍ତି, ସାମାଜିକ ନ୍ୟାୟ ଦିଗରେ ସାମ୍ବିଧାନିକ ଅଧିକାର ବଜାୟ ରଖିବା ଜରୁରୀ । ଲାଟେରାଲ୍ ଏଣ୍ଟ୍ରି ପଦବୀ ଗୁଡ଼ିକୁ ସ୍ୱତନ୍ତ୍ର ଭାବରେ ବିବେଚନା କରାଯାଉଛି ଏବଂ ଏହାକୁ ଏକକ କ୍ୟାଡର୍ ପଦବୀ ଭାବେ ମନୋନୀତ କରାଯାଇଥିବାରୁ ଏଥିରେ ସଂରକ୍ଷଣର କୌଣସି ବ୍ୟବସ୍ଥା କରାଯାଇନାହିଁ । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଟେରାଲ୍ ଏଣ୍ଟ୍ରି ପ୍ରକ୍ରିୟାରେ ସମାନତା ଏବଂ ସାମାଜିକ ନ୍ୟାୟ ନୀତି

ଅବଲମ୍ବନ ମାଧ୍ୟମରେ ସଂରକ୍ଷଣ ବ୍ୟବସ୍ଥା ସଂଯୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ୨୦୦୫ ମସିହାରେ ବିରାପ୍ପା ମୋଇଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ପ୍ରଶାସନିକ ସଂସ୍କାର ଆୟୋଗ ଲାଟେରାଲ୍ ଏଣ୍ଟ୍ରିକୁ ଅନୁମୋଦନ ପ୍ରଦାନ କରିଥିଲେ । ଏଥିପାଇଁ ୨୦୧୩ରେ ମଧ୍ୟ ଷଷ୍ଠ ବେତନ ଆୟୋଗଙ୍କ ସୁପାରିଶ କରିଥିଲେ । ସରକାର ଏହି ନିଯୁକ୍ତି ପ୍ରକ୍ରିୟାକୁ ସଂସ୍ଥାଗତ ଭାବେ ପରିଚାଳିତ ଏବଂ ସ୍ୱଚ୍ଛ କରିବାକୁ  ପ୍ରୟାସ କରିଛନ୍ତି ବୋଲି ସେ କହିଛନ୍ତି ।

ଏହି ପରିପ୍ରେକ୍ଷୀରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସଂରକ୍ଷଣ ନୀତି ସହ ଲାଟେରାଲ୍ ଏଣ୍ଟ୍ରିକୁ ଯୋଡ଼ିବା ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାମାଜିକ ନ୍ୟାୟ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି । ସେ କହିଛନ୍ତି, ୟୁ.ପି.ଏ. ସରକାର ଅମଳରେ ସଂରକ୍ଷଣ ନୀତିକୁ ବିଚାରକୁ ନିଆଯାଇ ନ ଥିଲା ।

## ମହାରାଷ୍ଟ୍ର-ଏସ୍ଆଇଟି

ମହାରାଷ୍ଟ୍ରର ବଦଲପୁର ସ୍ଥିତ ଏକ ବିଦ୍ୟାଳୟରେ ଜଣେ ନାବାଳିକାକୁ ଯୌନ ଉତ୍ପୀଡ଼ନ ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଯାଞ୍ଚ ଦଳ ଗଠନ କରାଯାଇଛି । ବରିଷ୍ଠ ଆଇ.ପି.ଏସ୍. ଅଧିକାରୀ ଆରତୀ ସିଂହଙ୍କ ଅଧୀନରେ ଏହି ଯାଞ୍ଚ ଦଳ କାର୍ଯ୍ୟ କରିବ ବୋଲି ମହାରାଷ୍ଟ୍ରର

ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ସୂଚନା ଦେଇଛନ୍ତି । ଏଥିସହିତ ଏହି ଘଟଣାର ବିଚାର ପାଇଁ ଫାଷ୍ଟ୍ରାକ୍ କୋର୍ଟରେ ଆବେଦନ କରିବାକୁ ଥାନେ୍ ପୋଲିସ୍ କମିଶନର୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ଫଡ଼ନାବିସ୍ କହିଛନ୍ତି । ରାଜ୍ୟ ବିଦ୍ୟାଳୟ ଶିକ୍ଷାମନ୍ତ୍ରୀ ଦୀପକ କେଶରକର କହିଛନ୍ତି, ରାଜ୍ୟରେ ଥିବା ବିଦ୍ୟାଳୟ ଗୁଡ଼ିକରେ ବିଶାଖା କମିଟି ଗଠନ କରାଯିବ । ଏଥିସହିତ ବିଦ୍ୟାଳୟ ସ୍ତରରେ ସକ୍ଷୀ ସାବିତ୍ରୀ କମିଟି ଗୁଡ଼ିକ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

## ଏମସ୍-ମଙ୍କିପକ୍ସ

ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମସ୍) ସନ୍ଦିଗ୍ଧ ମଙ୍କିପକ୍ସ ଭୂତାଣୁ ରୋଗୀଙ୍କ ଚିକିତ୍ସା ପାଇଁ ମାର୍ଗଦର୍ଶିକା ଜାରି କରିଛି । ସନ୍ଦିଗ୍ଧ ରୋଗୀଙ୍କୁ ତୁରନ୍ତ ଏକାନ୍ତଭାବେ ରଖିବାକୁ ପରାମର୍ଶ ଦିଆଯାଇଛି । ମଙ୍କିପକ୍ସ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କର ମଧ୍ୟ ପରୀକ୍ଷା କରିବାକୁ ମାର୍ଗଦର୍ଶିକାରେ କୁହାଯାଇଛି । ମଙ୍କିପକ୍ସ ରୋଗୀଙ୍କ ପାଇଁ ଏମସ୍‌ରେ ୫ଟି ଶଯ୍ୟା ସଂରକ୍ଷିତ ରଖାଯାଇଛି । ଏହି ରୋଗୀଙ୍କ ପରିଚାଳନା ଓ ଚିକିତ୍ସା ପାଇଁ ସଫ୍‌ଦରଜଙ୍ଗ ହସ୍ପିଟାଲ୍‌କୁ ମନୋନୀତ କରାଯାଇଛି ବୋଲି ଏମସ୍ ସୂଚନା ଦେଇଛି ।

# ଗଭ୍-ଇଣ୍ଟରନେଟ୍ ୟୁଜର୍

ଦେଶରେ ୨୦୨୩-୨୪ ଆର୍ଥିକ ବର୍ଷରେ ଟେଲିକମ୍ ବ୍ୟବହାର କ୍ଷେତ୍ରରେ ଆଖିଦୃଶିଆ ବୃଦ୍ଧି ଘଟିଛି । ପୂର୍ବରୁ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୮୮ କୋଟି ରହିଥିବା ବେଳେ ଗତ ଆର୍ଥିକ ବର୍ଷରେ ୭ କୋଟି ୩୦ ଲକ୍ଷ ବୃଦ୍ଧି ପାଇ ଏହି ସଂଖ୍ୟା ୯୫ କୋଟି ୪୦ ଲକ୍ଷରେ ପହଞ୍ଚିଛି । ସେହିପରି ଟେଲିଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ୩ କୋଟି ବୃଦ୍ଧି ପାଇ ୧୨୦ କୋଟିରେ ପହଞ୍ଚିଛି ।

ଅନ୍ୟ ପକ୍ଷରେ ଗତ ଆର୍ଥିକ ବର୍ଷରେ ୭ କୋଟି ୭୦ଲକ୍ଷ ଲୋକ ନୂଆ ବ୍ରଡ୍‌ବ୍ୟାଣ୍ଡ ସେବା ଗ୍ରହଣ କରିଥିବା ବେଳେ ଏହି ସଂଖ୍ୟା ୯୨ କୋଟି ୪୦ଲକ୍ଷରେ ପହଞ୍ଚିଛି । ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ)ର ବାର୍ଷିକ ରିପୋର୍ଟରୁ ଏହା ଜଣାପଡ଼ିଛି । ଏହି ରିପୋର୍ଟରୁ ଜଣାପଡ଼ିଛି ଯେ ଦେଶରେ ପୂର୍ବରୁ ଟେଲି ସାନ୍ଦ୍ରତା ୮୪ ଦଶମିକ୍ ୫ ଭାଗ ଥିବା ବେଳେ ଏହା ଏବେ ୮୫ ଦଶମିକ୍ ୭ ଭାଗରେ ପହଞ୍ଚିଛି । ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ଆୟ ୨ ଲକ୍ଷ ୫୦ ହଜାର କୋଟି ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ବୃଦ୍ଧିପାଇ ୨ଲକ୍ଷ ୭୦ ହଜାର କୋଟି ଟଙ୍କାରେ ପହଞ୍ଚିଛି ।